# INTERNATIONAL AIDS DAY

International AIDS Day was observed by the NSS Units of the College ON 21$^{st}$ Dec 2021 by spreading awareness about the causes and prevention of the disease. Mrs. Sasmita Nayak, Advisor of ICTC, Rayagada district was invited as the Chief Speaker. Dr. R. C. Panda, HoD, Zoology also gave insights on the same. Potnuru Tarun, a student of the Dept. Of English recited a self-composed poem. Miss Devishree Mohapatra, NSS PO and Lecturer, Dept. Of English premiered a documentary on AIDS for the students. Number of students participated: 62.

TV ଜନତା NEWS
ସାଧାରଣ ଜନତାର ସ୍ୱର
Regd.No.Fre/LI/RGD-ODI/12/44/19.

# ଗୁଣୁପୁର ମହାବିଦ୍ୟାଳୟ ପକ୍ଷରୁ ଏଡସ ଦିବସ ପାଳିତ






ଗୁଣୁପୁର, ତା-୦୧/୧୨/୨୧. ବିଶ୍ୱ ଏଡ୍ସ ଦିବସ ଉପଲକ୍ଷେ ଆଜି ଗୁଣପୁର ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ତରଫରୁ ଏକ ସଭାର ଆୟୋଜନ କରାଯାଇଥିଲା । ଏଥିରେ ଅନୁଷ୍ଠାନର ଅଧକ୍ଷ ଡକ୍ଟର ବାମଦେବ ମିଶ୍ର ସଭାପତିତ୍ୱ କରିଥିଲେ । ଏଡ୍ସର ଭୟାବହତା ଓ ଏଡ୍ସ ଦିବସ ପାଳନର ଆବଶ୍ୟକତା ସଂପର୍କରେ ସେ ନିଜର ଅଭିଭାଷଣ ପ୍ରଦାନ କରିଥିଲେ । ମୁଖ୍ୟ ବକ୍ତା ଭାବରେ ସ୍ଥାନୀୟ ଆଇସିଟିସିର ପରାମର୍ଶଦାତା ଶ୍ରୀମତୀ ସସ୍ମିତା ନାୟକ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଏଡ୍ସ ସଂପର୍କରେ ସଚେତନ  କରିଥିଲେ । ଅନ୍ୟତମ ଅତିଥି ଭାବରେ  ପ୍ରାଧାପକ ରାମଚନ୍ଦ୍ର ପଣ୍ଡା ଅଂଶଗ୍ରହଣ କରି ଏଡ୍ସର ଭୟାବହତା ଓ ନିରାକରଣ ସଂପର୍କରେ କହିଥିଲେ । 2030 ସୁଦ୍ଧା ବିଶ୍ୱକୁ ଏଡ୍ସ ମୁକ୍ତ କରିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ସେ ଉପଦେଶ  ଦେଇଥିଲେ ।ଅଧାପକ ଅମୀୟ ରଞ୍ଜନ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ । ଅଧାପିକା ଦେବୀଶ୍ରୀ ମହାପାତ୍ର ସଭାକୁ ପରିଚାଳନା କରିଥିଲେ ।ପ୍ରାଧାପକ ଡକ୍ଟର ସୂର୍ଯ୍ୟ ନାରାୟଣ ପଣ୍ଡା ଏ କାର୍ଯ୍ୟକ୍ରମକୁ ସଫଳ କରିବାରେ  ସହଯୋଗ କରିଥିଲେ । ପ୍ରାଧାପକ ଶଶିଭୂଷଣ ମହାନ୍ତି AIDS, NO AIDS ସଂପର୍କରେ ଆଲୋକପାତ କରିଥିଲେ । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଲାଡି ଅକ୍ଷୟ, ଅନୁ,ଦୀପ୍ତି, ଅଞ୍ଜନା, ସ୍ନିଗ୍ଧା, ମିନୁ, ବର୍ଷାରାଣୀ, ଚନ୍ଦ୍ରକାନ୍ତ, ନିଖିଳ ଓ ଅନ୍ୟମାନେ ଉପସ୍ଥିତ ଥିଲେ । ପି.ତରୁଣ ଏଡ୍ସ ଉପରେ ଏକ କବିତା ପାଠ କରିଥିଲେ । ଏହି କାର୍ଯ୍ୟକ୍ରମରେ ଏଡ୍ସ ସଚେତନତା ଉପରେ ଏକ ଭିଡିଓ ମଧ୍ୟ ପରିବେଷଣ କରାଯାଇଥିଲା । ପରିଶେଷରେ ଅଧାପିକା ଦେବୀଶ୍ରୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ  ।

**Report by : Pradeep kumar Patro**

# ବିଶ୍ୱ ଏଡ୍‌ସ ଦିବସ ପାଳିତ



ଗୁଣପୁର, ୧.୧୨(ସପ୍ର) - ବିଶ୍ୱ ଏଡ୍ସ ଦିବସ ଉପଲକ୍ଷେ ଆଜି ଗୁଣପୁର ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ ଏକ ସଭା ଆୟୋଜିତ ହୋଇଥିଲା । ଏଥିରେ ଅନୁଷ୍ଠାନର ଅଧ୍ୟକ୍ଷ ଡକ୍ଟର ବାମଦେବ ମିଶ୍ର ସଭାପତିତ୍ୱ କରିଥିଲେ । ଏଡ୍ସର ଭୟାବହତା ଓ ଏଡ୍ସ ଦିବସ ପାଳନର ଆବଶ୍ୟକତା ସମ୍ପର୍କରେ ସେ ନିଜର ଅଭିଭାଷଣ ପ୍ରଦାନ କରିଥିଲେ । ମୁଖ୍ୟବକ୍ତା ଭାବରେ ସ୍ଥାନୀୟ ଆଇସିଟିସିର ପରାମର୍ଶଦାତା ସସ୍ମିତା ନାୟକ ଛାତ୍ରଛାତ୍ରୀଙ୍କୁ ଏଡ୍ସ ସମ୍ପର୍କରେ ସଚେତନ କରିଥିଲେ । ଅନ୍ୟତମ ଅତିଥି ଭାବରେ ପ୍ରାଧ୍ୟାପକ ରାମଚନ୍ଦ୍ର ପଣ୍ଡା ଏଡ୍ସର ଭୟାବହତା ଓ ନିରାକରଣ ସମ୍ପର୍କରେ କହିଥିଲେ । ୨୦୩୦ସୁଦ୍ଧା ବିଶ୍ୱକୁ ଏଡ୍ସ ମୁକ୍ତ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ସେ ଉପଦେଶ ଦେଇଥିଲେ । ଅଧ୍ୟାପକ ଅମୀୟ ରଞ୍ଜନ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ । ଅଧ୍ୟାପିକା ଦେବୀଶ୍ରୀ ମହାପାତ୍ର ସଭା ପରିଚାଳନା କରିଥିଲେ । ପ୍ରାଧ୍ୟାପକ ଡକ୍ଟର ସୂର୍ଯ୍ୟନାରାୟଣ ପଣ୍ଡା ସହଯୋଗ କରିଥିଲେ । ପ୍ରାଧ୍ୟାପକ ଶଶୀଭୂଷଣ ମହାନ୍ତି କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ । ପି.ତରୁଣ ଏଡ୍ସ ଉପରେ ଏକ କବିତା ପାଠ କରିଥିଲେ । ଏଡ୍ସ ସଚେତନତା ଉପରେ ଏକ ଭିଡିଓ ମଧ୍ୟ ପରିବେଷଣ କରାଯାଇଥିଲା । ଅଧ୍ୟାପିକା ଦେବୀଶ୍ରୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ଜିଆଇଇଟି ଓ ଉପଖଣ୍ଡ ମେଡିକାଲ ପକ୍ଷରୁ ଏଡସ୍ ଦିବସ ପାଳିତ ହୋଇଯାଇଛି ।

https://zillakhabar.com/43325/
https://public.app/s/PMXKS